## ପ୍ରଧାନ ମନ୍ତ୍ରୀଙ୍କ ପ୍ରେସ କନଫରେନ୍ସର ପ୍ରତିକ୍ରିୟାରେ

**ଶ୍ରୀ ଅରୁଣ ଜେଟଲୀ, ବିରୋଧୀ ଦଳର ନେତା ରାଜ୍ୟସଭା**

ଆଜି ପ୍ରଧାନମନ୍ତ୍ରୀଙ୍କ ପ୍ରେସ କନଫରେନ୍ସରେ ଉଦ୍ଦେଶ୍ୟମୂଳକ ଭାବରେ ଘୋଷଣା କରାଯାଇଥିଲା କି, ସେ ଆଗାମୀ ଲୋକସଭା ନିର୍ବାଚନରେ ଆଉ ପ୍ରତିଦ୍ୱନ୍ଦିତା କରିବେ ନାହିଁ । ନିଜ ବିଦାୟକାଳୀନ ଭାଷଣରେ ମନେ କରାଯାଉଥିଲା କି ସେ ଅନ୍ତତଃ ସ୍ପଷ୍ଟବାଦୀ ହେବେ ଏବଂ ଏହା ତାଙ୍କ ପାଇଁ ଏକ ଐତିହାସିକ ସୁଯୋଗ ଥିଲା କହିଲେ ମଧ୍ୟ ଭୁଲ ହେବନାହିଁ । ହେଲେ ସେ ଉକ୍ତ ସୁଯୋଗକୁ ହରାଇ ବସିଛନ୍ତି ।

ବର୍ତ୍ତମାନ ଚାରୋଟି ରାଜ୍ୟର ବିଧାନ ସଭା ନିର୍ବାଚନରେ କଂଗ୍ରେସ ଦଳ ପୂରାପୂରି ଧରାଶାୟୀ ହୋଇଯାଇଛି । ଆସନ୍ତା ଲୋକସଭା ନିର୍ବାଚନରେ ମଧ୍ୟ ଏହା ଆହୁରି ନିମ୍ନକୁ ଖସିବାର ସମ୍ଭାବନା ଦେଖାଏ । ଏହାର ସମସ୍ତ ଶ୍ରେୟ ଡ଼ଃ ମନମୋହନ ସିଂହଙ୍କ ନେତୃତ୍ୱରେ ଶାସିତ ଉ.ପା ସରକାର ଉପରେ ଯାଉଅଛି । ସେ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି କି, ତାଙ୍କ ସରକାର ମୁଦ୍ରାସ୍ଫୀତୀକୁ ନିୟନ୍ତ୍ରଣ କରିବାରେ, ରୋଜଗାର ଦେବାରେ ଓ ଭ୍ରଷ୍ଟାଚାର ରୋକିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଅଛି । ଯାହାକି ତାଙ୍କୁ ଗତ ନିର୍ବାଚନରେ ନିମ୍ନଗାମୀ କରାଇବାରେ ସହାୟତା କରିଅଛି । ହେଲେ ସେ ଉକ୍ତ ବାସ୍ତବତାକୁ ନବୁଝି ଓଲଟା ଇତିହାସ ସବୁ ଆକଳନ କରିବ ବୋଲି ପ୍ରକାଶ କରୁଛନ୍ତି ଏବଂ ବାରମ୍ବାର କରି ସମୟ ସବୁ କହିବ ବୋଲି ପ୍ରକାଶ କରିଛନ୍ତି । କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମୟ ନୁହେଁ ବରଂ ଜନତା ନିଜ ଭୋଟ ମାଧ୍ୟମରେ ହିଁ କହିବେ । ଉ.ପା-୧ ପରେ ପୁଣି ଉ.ପା-୨ର ନିର୍ବାଚନରେ ବିଜୟ ଲାଭ କରିବା ପରେ ସେ ୨୦୧୩ ବିଧାନ ସଭାର ନିର୍ବାଚନର ଫଳାଫଳ ଦେଖି ମଧ୍ୟ ତାହାକୁ ଗ୍ରହଣ କରିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି ।

ପ୍ରଧାନ ମନ୍ତ୍ରୀ ଆଜି ଗଣମାଧ୍ୟମ ନେଇ, ବିରୋଧୀ ଦଳ ନେଇ ଓ ବିଶେଷ କରି ନରେନ୍ଦ୍ର ମୋଦିଙ୍କ ନେଇ ଭୀଷଣ ତିକ୍ତ ହୋଇଉଠିଛନ୍ତି । ପ୍ରଧାନ ମନ୍ତ୍ରୀ ନିଜ ଭାଷା ତଥା ବାକ୍ୟରେ ସଂଯମତା ଓ ଗାମ୍ଭୀର୍ଯ୍ୟତା ଅବଲମ୍ବନ କରିବା ଉଚିତ । ହେଲେ ଡ଼ଃ ସିଂହ ତାହା କରିବା ପାଇଁ ଆଜି ଅସମର୍ଥ ହୋଇଛନ୍ତି । ନରେନ୍ଦ୍ର ମୋଦିଙ୍କ ବିରୋଧରେ ୨୦୦୨ ର ଦଙ୍ଗାନେଇ ନାନାଦି ଅଭିଯୋଗ ଦାଖଲ ହେବା ଓ ତାଙ୍କ ବିରୋଧରେ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ବସି ସେ ନିର୍ଦ୍ଦୋଷ ବୋଲି ସାବ୍ୟସ୍ଥ ହେବା ପରେ ଏବଂ ସେ ଗୁଜୁରାଟରୁ ତୃତୀୟ ଥର ପାଇଁ ନିର୍ବାଚନରେ ବିଜୟ ଲାଭ କରିବା ପରେ ବି ପ୍ରଧାନ ମନ୍ତ୍ରୀ ତାଙ୍କୁ

ବିଧ୍ୱଂସୀ ଓ ଗଣ ହତ୍ୟାକାରୀ ବୋଲି ସମ୍ବୋଧନ କରିଚାଲିଛନ୍ତି । ହେଲେ ଏପରି ଶବ୍ଦ ବ୍ୟବହାର କରି ସେ ନିଜ ପଦବୀର ହିଁ ଅସମ୍ମାନ କରୁଛନ୍ତି । ତେବେ ସେ ୧୯୮୪ ନଭେମ୍ବର ୧ ତାରିଖରେ ଯେଉଁ ନେତାଙ୍କ କାର୍ଯ୍ୟକାଳରେ ଶିଖ ମାନଙ୍କର ଗଣହତ୍ୟା କରାଯାଇଥିଲା, ଯାହା ପାଇଁ ଆଜି ପର୍ଯ୍ୟନ୍ତ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ ତାଙ୍କ ପାଇଁ ମଧ୍ୟ ଏପରି ଶବ୍ଦ ବ୍ୟବହାର କରିବେ କି ?

ଏହା ଏକ ବିଫଳ ନେତାଙ୍କ ପ୍ରେସ କନଫରେନ୍ସ ଯେ କି ଶାସନ କରିବାର ଇଚ୍ଛାଶକ୍ତି ହରାଇ ବସିଛନ୍ତି । ତାଙ୍କ ଭାଷଣରେ ଶାସନର ସ୍ୱଚ୍ଛତା ନେଇ, ତାଙ୍କ ଦଳର ମୁଖ୍ୟ ମନ୍ତ୍ରୀଙ୍କ ବିରୋଧରେ ଲଗା ଯାଇଥିବା ଆରୋପ ସମ୍ବନ୍ଧରେ, ଜାତୀୟ ସୁରକ୍ଷା ନେଇ, ନାରୀ ମାନଙ୍କ ପ୍ରତି ହେଉଥିବା ଅସଦ ଆଚରଣ ନେଇ, ଦେଶର ସଂଚୟ ବୃଦ୍ଧି ନେଇ ଓ ଅର୍ଥନୈତିକ ସ୍ଥିତି ନେଇ କୌଣସି ବାର୍ତ୍ତା ହିଁ ନଥିଲା । ସେ କୋଲ ଗେଟରୁ ଆରମ୍ଭ କରି ଟୁ-ଜି ସ୍ପେକ୍ଟ୍ରମ ଓ ଭି.ବି.ଏସ ଲାଞ୍ଚ ନେବା ପର୍ଯ୍ୟନ୍ତ ସମସ୍ତ ପାହାଚକୁ ଅତିକ୍ରମ କରିଆସିଛନ୍ତି । ହେଲେ ତାଙ୍କ ପ୍ରେସ କନଫରେନ୍ସରେ ସେପରି କୌଣସି ଉତ୍ସାହଜନକ ବାର୍ତ୍ତା ହିଁ ନଥିଲା ।